ବାଘଛାଲ ଓ ବନ୍ଧୁକ ଜବତ, ୩ ଗିରଫ

ଫୁଲବାଣୀ,୩।୯(ନିପ୍ର): କନ୍ଧମାଳ ଜିଲା ଫୁଲବାଣୀ ବନ ବିଭାଗକୁ ମିଳିଛି ବଡ଼ ସଫଳତା। କଲରାପତରିଆ ବାଘଛାଲ କାରବାର ହେଉଥିବା ବେଳେ ବନ ବିଭାଗ ଚଢ଼ଉ କରି ଗୁଡାରୀ ଗ୍ରାମ ନିକଟରୁ ତିନିଜଣ ବାଘଛାଲ ମାଫିଆଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ସଦରଥାନା ଅନ୍ତର୍ଗତ ଦଡ଼ିକ ଅଞ୍ଚଳର ପ୍ରଭାତ ମଲିକ (୩୫), ଖଜୁରିପଡ଼ା ଥାନା ଅନ୍ତର୍ଗତ ପାକାଡ଼ାମ୍ବା ଗ୍ରାମର ତ୍ରିନାଥ କହଁର(୫୬) ଏବଂ ଗୁମୁରିଖୋଲ ଅଞ୍ଚଳର ସଂଜୟ ମଲିକ (୪୪)। ସେମାନଙ୍କ ପାଖରୁ କଲରାପତରିଆ ବାଘ ଛାଲ, ଗୋଟିଏ ଦେଶୀ ବନ୍ଧୁକ, କୁଟୁରା ମୁଣ୍ଡ ସିଙ୍ଘ, ବନ୍ଧୁକ ପାଉଡ଼ର ଓ ଦୁଇଟି ବାଇକ୍ ଜବତ ହୋଇଛି। ସେମାନଙ୍କ ନାଁରେ ଅନ୍ୟ କୌଣସି ଅପରାଧ ଅଛି ନା ନାହିଁ ତାହାର ତଦନ୍ତ କରାଯିବ। ଫୁଲବାଣୀ ବନାଞ୍ଚଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ୍, ଏସିଏଫ୍ ମଳୟଗଂଜନ କାଲୋ ଏବଂ ସ୍ୱେତଲିନା ସାହୁ ଓ ବନାଞ୍ଚଳ ଅଧିକାରୀ ଶିବାନନ୍ଦ ଲେଙ୍କା, ବନପାଳ ସରୋଜ ମିଶ୍ର ପ୍ରେମାନନ୍ଦ ପାତ୍ର ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏସିଏଫ୍ ସ୍ୱେତଲିନା ସାହୁ ମାମଲାର ତଦନ୍ତ କରୁଛନ୍ତି। ଜୁଲାଇ ୨୦ରେ ଟିକାବାଲି ଅଞ୍ଚଳରୁ ବନ କର୍ମଚାରୀ ବାଘଛାଲ ସହିତ ବନ୍ଧୁକ ଓ ଅନ୍ୟ ବହୁ ସାମଗ୍ରୀ ମଧ୍ୟ ଜବତ କରି୬ ଜଣଙ୍କୁ ଗିରଫ କରିଥିଲେ। ଦିନକୁ ଦିନ କନ୍ଧମାଳ ଜିଲାରେ ବାଘଛାଲ ଜବତ ଘଟଣା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ବାଘଛାଲ ମାଫିଆ ଓ ଶିକାରୀଙ୍କୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି।

ଶୁଣିବାରେ ସମସ୍ୟା? AudiZone Experience the sound
ଶ୍ରବଣ ଯନ୍ତ୍ର
SPECIAL SUMMER OFFER
Digital Hearing AID
ଅଡିଜୋନ୍ ଆସନ୍ତୁ, ଭଲ ଶୁଣନ୍ତୁ ।
Mob: 9439543332
ଶାଖା କାର୍ଯ୍ୟାଳୟ:-ବରମୁଣ୍ଡା, ଜୟଦେବ ବିହାର, ଲିଙ୍କ୍ ରୋଡ୍, ମଙ୍ଗଳାବାଗ୍, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, କୋରାପୁଟ, ବାଲେଶ୍ୱର, କେନ୍ଦୁଝର, ଟାଟା ଇତ୍ୟାଦି...
AUDIZONE SPEECH & HEARING CLINIC

ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସୁନାଋଣ ଦୁର୍ନୀତି

ନକଲି ଅଳଙ୍କାର ରଖି ୫୫ ଲକ୍ଷ ଆତ୍ମସାତ୍

ଫୁଲବାଣୀ/ବାଲିଗୁଡା,୩।୯(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡ଼ା ୟୁକୋ ବ୍ୟାଙ୍କରେ ବଡ଼ଧରଣର ସୁନା ଋଣ ଦୁର୍ନୀତି ପଦାକୁ ଆସିଛି। ବ୍ୟାଙ୍କରେ ସୁନା ଆପ୍ରାଇଜର ଭାବେ କାମ କରୁଥିବା ଜଣେ ବ୍ୟକ୍ତି ବ୍ୟାଙ୍କରେ ନକଲି ସୁନା ବନ୍ଧକ ରଖି ପ୍ରାୟ ୫୫ଲକ୍ଷ ଟଙ୍କା ଋଣ ନେଇଥିବା ଜଣାପଡିଛି। ସୁନା ଆପ୍ରାଇଜର ଜଣକ ନିଜ ନାଁରେ ଋଣ ନ ନେଇ ଅନ୍ୟ ୨ଜଣ ନାଁରେ ଏହି ଋଣ ନେଇଥିବାବେଳେ ସେମାନେ ଋଣ ସୁଝିନପାରିବା ପରେ ଘଟଣା ପଦାକୁ ଆସିଛି। ବନ୍ଧକ ପଡିଥିବା ସୁନା ଯାଞ୍ଚ ପରେ ତାହା ନକଲି ବୋଲି ଜଣାପଡିଥିଲା।

ସୂଚନା ଅନୁଯାଇ ବାଲିଗୁଡ଼ା ୟୁକୋ ବ୍ୟାଙ୍କରେ ୩ବର୍ଷ ଧରି ପି. ସତ୍ୟରାମ ଆଚାରୀ ସୁନା ଆପ୍ରାଇଜର ଭାବେ ଦାୟିତ୍ୱ ତୁଲାଉଥିଲେ। ଏହାର ସୁଯୋଗ ନେଇ ସେ ଚତୁରତାର ସହ ନିଜର ସୁନା ଦୋକାନରେ କାମ କରୁଥିବା ୨ଜଣଙ୍କ ନାଁରେ ୨ଟି କିସ୍ତିରେ ପ୍ରାୟ ୫୫ ଲକ୍ଷ ଟଙ୍କାର ସୁନା ଋଣ ନେଇଥିଲେ। ଦୋକାନରେ କାମ କରୁଥିବା ଗରିବ ଝିଅ ରୁନୁବାଳା ପ୍ରଧାନଙ୍କ ଦସ୍ତଖତ ନେଇ ୨୦୨୧ରେ ୟୁକୋ ବ୍ୟାଙ୍କରେ ନକଲି ସୁନା ଅଳଙ୍କାର ବନ୍ଧକ ରଖି ସେ ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର କରି ନେଇଥିଲେ। ପରେ ରୁନୁବାଳାଙ୍କ ଆକାଉଣ୍ଟରୁ ଟଙ୍କା ନିଜ ଆକାଉଣ୍ଟକୁ ନେଇଥିଲେ। ଦୀର୍ଘ ୩ବର୍ଷ ପରେ ଋଣ ଅବଧି ଶେଷ ହୋଇଯିବା ପରେ ବ୍ୟାଙ୍କ ପକ୍ଷରୁ ଗତ ଜୁଲାଇ ମାସରେ ଘଟଣାର ଖୋଳତାଡ଼ କରାଯାଇଥିଲା। ଯାଞ୍ଚ ବେଳେ ଋଣ ନେଇଥିବା ରୁନୁବାଳା ଋଣ ସୁଝିନଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ବ୍ୟାଙ୍କ ପକ୍ଷରୁ ତାଙ୍କୁ ନୋଟିସ୍ ଜାରି ହୋଇଥିଲା। ଦୋକାନରେ କାମ କରୁଥିବା ରୁନୁଙ୍କୁ ବ୍ୟାଙ୍କ ପକ୍ଷରୁ ୩୪ ଲକ୍ଷ ଟଙ୍କା ଋଣ ପରିଶୋଧ କରିବାକୁ ଜୁଲାଇ ମାସରେ ନୋଟିସ୍ ଜାରି ହୋଇଥିଲା। ସେ ଜଣେ ଗରିବ ପରିବାରର ହୋଇଥିବାରୁ ଏତେ ଟଙ୍କା ଋଣ କିଭଳି ନେବେ ବୋଲି କହିବା ପରେ ଘଟଣା ପଦାକୁ ଆସିଥିଲା। ଯାଞ୍ଚ ପରେ ଜାଲିଆତି କରି ନକଲି ସୁନା ଦେଇ ବିପୁଳ ପରିମାଣର ଋଣ ନିଆଯାଇଥିବା ଜଣାପଡିଥିଲା। ସେହିପରି ଜି.ସୀମାଞ୍ଚଳ ରେଡ୍ଡିଙ୍କ ନାମରେ ମଧ୍ୟ ସୁନା ଆପ୍ରାଇଜର ପ୍ରାୟ ୩୦ଲକ୍ଷ ଟଙ୍କାର ଋଣ ନେଇଥିବା ଜଣାପଡିଛି। ଏଠାରେ ନକଲି ସୁନା ଅଳଙ୍କାର ଦିଆଯାଇ ଏହି ସୁନା ଋଣ ନିଆଯାଇଥିବା ଜଣାପଡିଛି। ଏତେ ଟଙ୍କାର ଋଣ ପରିଶୋଧ ନ ହେବା ପରେ ବ୍ୟାଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ବ୍ୟାଙ୍କରେ ଦାଖଲ ହୋଇଥିବା ସୁନା ଅନ୍ୟ ଜଣେ ସୁନାରୀଙ୍କ ଦ୍ୱାରା ଯାଞ୍ଚ ପରେ ତାହା ନକଲି ସୁନା ଅଳଙ୍କାର ବୋଲି ଜଣାପଡିଥିଲା। ଏହି ୫୫ଲକ୍ଷ ଟଙ୍କାର ଦୁର୍ନୀତି ପଛରେ ବ୍ୟାଙ୍କ କର୍ମଚାରୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଇତିମଧ୍ୟରେ ସୁନା ଆପ୍ରାଇଜର ସତ୍ୟରାମ ଗତ ଜୁଲାଇ ମାସଠାରୁ ନିଜର ସୁନା ଦୋକାନ ବନ୍ଦ କରି କେଉଁଆଡ଼େ ଚାଲିଯାଇଥିବା ଜଣାପଡିଛି। ମଙ୍ଗଳବାର ଏହି ଘଟଣାର ତଦନ୍ତ କରିବାକୁ ଫୁଲବାଣୀ ୟୁକୋ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର କାହ୍ନୁ ଚରଣ ସାହୁ ଓ ଭଞ୍ଜନଗରର ଜଣେ ସୁନାରି ବାଲିଗୁଡ଼ା ୟୁକୋ ବ୍ୟାଙ୍କକୁ ଆସି ମାମଲାର ତଦନ୍ତ କରିଛନ୍ତି। ସଂପୃକ୍ତ ସୁନାରି ସୁନା ଚିହ୍ନିବା ପରେ ବ୍ୟାଙ୍କର ଜୋନାଲ ଅଫିସକୁ ତଦନ୍ତ ରିପୋର୍ଟ ଦେଇଛନ୍ତି। ଘଟଣା ସମ୍ପର୍କରେ ଶାଖା ପରିଚାଳକଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀକୁ ଅବଗତ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ ସେ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ୟାଙ୍କ ପକ୍ଷରୁ ପୁଣି ଉକ୍ତ ସୁନାର ତନଖୀ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ବଜ୍ରକାପ୍ତା ଉଦ୍ଧାର, ଅଭିଯୁକ୍ତ ଗିରଫ

କୋଷାଗୁମୁଡ଼ା,୩।୯(ନି.ପ୍ର): ନବରଙ୍ଗପୁର ଜିଲା କୋଷାଗୁମୁଡ଼ା କୋଡ଼ିଙ୍ଗା ବନ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ଚୋରାଚାଲାଣ ବେଳେ ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ କୋଷାଗୁମୁଡା ବ୍ଲକ ଜୁନାପାଣି ଗାଁର କମଳସିଂ ଗୌଡ଼। ଖବର ପାଇ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶରେ କୋଡିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, କୋଡିଙ୍ଗା ବନପାଳ ପ୍ରଭାତ ବିଷୋୟୀ, ବନରକ୍ଷୀ ଉମାଶଙ୍କର ପାଣିଗ୍ରାହୀ ଓ ଦୀପକ ପ୍ରଧାନ, କୋଡିଙ୍ଗା ବନାଞ୍ଚଳର କର୍ମଚାରୀଙ୍କ ସହ ଏକ ସ୍ୱତନ୍ତ୍ର ଦଳ ପକ୍ଷରୁ ସୋମବାର ରାତିରେ ପାଟ୍ରୋଲିଂ କରାଯାଇଥିଲା।

ମଙ୍ଗଳବାର ସକାଳେ ବାଗ୍ରି ନିକଟରେ ଚଢ଼ଉ ହୋଇଥିଲା। ୫ ଲକ୍ଷ ଟଙ୍କାରେ ବଜ୍ରକାପ୍ତା ବିକ୍ରି ପାଇଁ ମୂଲଚାଲ ଚାଲିଥିବା ବେଳେ ଅଭିଯୁକ୍ତ କମଳସିଂଙ୍କୁ ଧରିବାରେ ବନ ବିଭାଗ ସଫଳ ହୋଇଛି। ୯ କିଲୋ ଗ୍ରାମ ଓଜନର ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଗୋଟିଏ ମୋଟରସାଇକଲ ଓ ମୋବାଇଲ ଫୋନ ଜବତ କରାଯାଇଛି।

କାରାଗାରରେ ମାଦକଦ୍ରବ୍ୟର ଅବାଧ କାରବାର

ଚାରିକାନ୍ଥ ଭିତରେ ପ୍ରସ୍ତୁତ ହେଉଛି ଅପରାଧ ନକ୍ସା

ଭୁବନେଶ୍ୱର,୩।୯(ଆ.ପ୍ର): କାରାଗାରରେ କଏଦୀଙ୍କ ଲାଗି ବିଭିନ୍ନ କଟକଣା ରହିଛି। ସେମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ସିସି କ୍ୟାମେରା ଲାଗିଛି। କର୍ମଚାରୀ ପଇଁତରା ମାରୁଛନ୍ତି। ଫାଟକରେ କଡ଼ା ଯାଞ୍ଚ କରାଯାଉଛି। ଏହାପରେ ବି କାରାଗାର ଭିତରକୁ ମାଦକଦ୍ରବ୍ୟ ଅବାଧରେ ଯାଉଛି। ଗ୍ୟାଙ୍ଗଷ୍ଟରଙ୍କ ହାତରେ ମୋବାଇଲ ଫୋନ୍ ରହୁଛି। ଚାରିକାନ୍ଥ ଭିତରୁ ପ୍ରସ୍ତୁତ ହେଉଛି ଅପରାଧ ନକ୍ସା। କାରାଗାର ବିଭାଗ ଢିଲା ପଣର ଫାଇଦା ଉଠାଉଛନ୍ତି କଏଦୀ। କାରାଗାରରେ ବି ଗ୍ୟାଙ୍ଗଷ୍ଟରଙ୍କ ଦବ୍‌ଦବା ଚାଲିଛି। ମୁହଁ ଖୋଲିଲେ ଆକ୍ରମଣର ଶିକାର ହେଉଛନ୍ତି ସାଧାରଣ କଏଦୀ। ବଲାଙ୍ଗିର, ଖୋର୍ଦ୍ଧା ପରେ ଏବେ ଝାରପଡ଼ା ସ୍ୱତନ୍ତ୍ର କାରାଗାର ଭିତରର ସତ ସାମ୍ନାକୁ ଆସିବା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ବଲାଙ୍ଗୀର କାରାଗାରରେ ସ୍ଥାନୀୟ ପୁଲିସ ଅତର୍କିତ ଚଢ଼ଉ କରିଥିଲା। ପୁଳା ପୁଳା ମାଦକଦ୍ରବ୍ୟ ପାଇଥିଲା। ଗ୍ୟାଙ୍ଗଷ୍ଟର ସୁଶୀଲ ଧଳସାମନ୍ତ ନିକଟରୁ ପୁଲିସ ମୋବାଇଲ ଫୋନ୍ ମଧ୍ୟ ଜବତ କରିଥିଲା। ଏହାର କିଛି ଦିନ ପରେ ଖୋର୍ଦ୍ଧା କାରାଗାରରୁ ମଧ୍ୟ ବିଡ଼ି, ସିଗାରେଟ୍, ଗୁଟ୍‌ଖା ଓ ଖଇନି ସମେତ ଚିଲମ ମିଳିଥିଲା। ହେଲେ ଗଞ୍ଜେଇ ପାଇନଥିଲା ପୁଲିସ। ଏହାପରେ ବି କାରାଗାର ବିଭାଗର ଚେତା ପଶିନଥିଲା। ଠକେଇ ମାମଲାରେ ଥିବା କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କ ଅଭିଯୋଗ ପରେ ଝାରପଡ଼ା କାରାଗାରର ଭିତର ଖବର ପଦାକୁ ଆସିଥିଲା। ଗ୍ୟାଙ୍ଗଷ୍ଟର ହାଇଦର ପୁଅ ମୁନ୍ନା ତା' ଭିତରେ ନିଜ ରାଜ୍ ଚଳାଇଥିବା ସୌମ୍ୟକାନ୍ତ ଚିଠି ଲେଖି ଜଣାଇଥିଲେ। ତାଙ୍କ ଚିଠିକୁ ଆଧାର କରି ଚଢ଼ଉ କରାଯିବା ପରେ ମୁନ୍ନା ନିକଟରୁ ମୋବାଇଲ ଫୋନ୍ ମିଳିଥିଲା। ବିଡ଼ି, ସିଗାରେଟ୍ ଆଦି ମଧ୍ୟ ଜବତ ହୋଇଥିଲା। ପରେ ମୁନ୍ନା ଦଳ ସୌମ୍ୟକାନ୍ତଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ।

ଏହି ଘଟଣା ଝାରପଡ଼ା କାରାଗାର କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଥିଲା। ଏତେ ସୁରକ୍ଷା ବ୍ୟବସ୍ଥା ଭିତରେ ମୁନ୍ନା ଦଳ କିପରି ସୌମ୍ୟକାନ୍ତଙ୍କୁ ଆକ୍ରମଣ କଲେ, ତାଙ୍କୁ କାରାଗାର କର୍ତ୍ତୃପକ୍ଷ ସୁରକ୍ଷା ଯୋଗାଇବାରେ ବିଫଳ ହେବା ପଛରେ ରହସ୍ୟ କ'ଣ? ଝାରପଡ଼ା କାରାଗାରରେ ୯୯୧ କଏଦୀ ରହିବା ଲାଗି ବ୍ୟସ୍ଥା ରହିଛି। କିନ୍ତୁ ଗତ ୧ ତାରିଖ ସୁଦ୍ଧା କଏଦୀ ସଂଖ୍ୟା ୧୨୩୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ବିକ୍ରମ ମଲ୍ଲିକ, ରବି ରାଓ ଓ ଶେଖ୍ ମୁନ୍ନା ଭଳି ଅଭିଯୁକ୍ତ ରହୁଛନ୍ତି। ଅନ୍ୟପଟେ ଠକେଇ ମାମଲାରେ ଦେଶ ବିଦେଶର କଏଦୀ ମଧ୍ୟ ରହିଛନ୍ତି। ଦୁର୍ଦାନ୍ତ ଅଭିଯୁକ୍ତଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବା ଲାଗି ନିୟମ ରହିଛି। ସେମାନଙ୍କ ଗତିବିଧି ଉପରେ କର୍ତ୍ତୃପକ୍ଷ ନଜର ରଖିବା ଲାଗି ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ଅଛି। ପ୍ରକୃତପକ୍ଷେ ଝାରପଡ଼ା କାରାଗାର ଭିତରେ ସେମାନଙ୍କ ପାଇଁ କୌଣସି କଟକଣା ରହୁନାହିଁ। ମୁନ୍ନା ତା'ର କିଛି ସହଯୋଗୀଙ୍କୁ ନେଇ କାରାଗାର ଭିତରେ ଗ୍ୟାଙ୍ଗ୍ ଚଳାଇଛି। ଟଙ୍କା ନେଇ କଏଦୀଙ୍କୁ ସବୁ ସୁବିଧା ଯୋଗାଇ ଦେଉଛି। ଯେଉଁ କଏଦୀ ବିରୋଧ କରୁଛନ୍ତି ତାକୁ ସେ କାରାଗାର କର୍ମଚାରୀଙ୍କ ସମ୍ମୁଖରେ ଆକ୍ରମଣ କରୁଛି। ସବୁ ଜାଣି ଦେଖି ମଧ୍ୟ କର୍ମଚାରୀ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ଏହା ପଛରେ ୱାର୍ଡର ମାନସ ମଲ୍ଲିକ ହତ୍ୟାକାଣ୍ଡ ଘଟଣା ରହିଛି। କାରାଗାରରୁ ଚମ୍ପଟ ମାରିବା ଲାଗି ଅଭିଯୁକ୍ତ ବିକ୍ରମର ସହଯୋଗୀମାନେ ମାନସଙ୍କୁ ଗୁଳି କରି ହତ୍ୟା କରିବା ଘଟଣା କର୍ମଚାରୀଙ୍କ ମନରେ ଛାନିଆ ଆଣିଛି। ମୁନ୍ନାର କାର୍ଯ୍ୟକଳାପକୁ ଦେଖି ଅନ୍ୟ କଏଦୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସୌମ୍ୟକାନ୍ତଙ୍କୁ ଆକ୍ରମଣ ଘଟଣାର ସମସ୍ତ ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି। କାରାଗାର ଡିଆଇଜି ଆହତ କଏଦୀଙ୍କ ବୟାନ ମଧ୍ୟ ରେକର୍ଡ କରିଛନ୍ତି। ଏହାପରେ ବି ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବିଭାଗ ପଛଘୁଞ୍ଚା ଦେଉଛି। ଏ ସଂକ୍ରାନ୍ତରେ କାରାଗାର ଏଡିଜି ଅମିତାଭ ଠାକୁର କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍‌ଲାଇନ୍ ଟ୍ରେଡ଼ିଂ ଆପ୍‌ରେ ଫସୁଛନ୍ତି ପାଠୁଆ

ମାଧ୍ୟମ ସାଜିଛି ହ୍ୱାଟ୍ସ ଆପ୍ ଓ ଟେଲିଗ୍ରାମ

ଭୁବନେଶ୍ୱର, ୩।୯(ଆ.ପ୍ର): ଅନ୍‌ଲାଇନ୍ ଟ୍ରେଡିଂରେ ଅର୍ଥ ବିନିଯୋଗ କଲେ ଅଧିକ ଲାଭ ମିଳିବା ଖଣା ଅଧିକ ସମସ୍ତଙ୍କୁ ଜଣା। ହ୍ୱାଟ୍ସଆପ୍ ଓ ଟେଲିଗ୍ରାମକୁ ଟ୍ରେଡିଂ ନାମରେ ଜାଲ୍ ଆପ୍ ଆସୁଛି। ଏହା କେତେ ଠିକ୍ କି ଭୁଲ ତର୍ଜମା ନକରି ଲୋଭର ବଶବର୍ତ୍ତୀ ହୋଇ ଆପକୁ କ୍ଲିକ୍ କରୁଛନ୍ତି ପାଠୁଆ। ଟଙ୍କା ବିନିଯୋଗ କରୁଛନ୍ତି। ଅଧିକ ଲାଭ ମିଳୁଥିବା ଅନ୍‌ଲାଇନ୍‌ରେ ଦେଖିବାକୁ ପାଉଛନ୍ତି। ଟଙ୍କା ଉଠାଇବା ଲାଗି ଚାହିଁଲେ ଉକ୍ତ ଆପ୍ ବନ୍ଦ ହୋଇଯାଉଛି। ଏହିଭଳି ଜାଲ୍ ଟ୍ରେଡିଂ ଆପ୍‌ରେ ଲୋକ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ସର୍ବସ୍ୱ ହରାଇବା ପରେ ସାଇବର ଥାନାର ଦ୍ୱାରସ୍ଥ ହେଉଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି ସତ, କିନ୍ତୁ ସମ୍ପୃକ୍ତ ଠକକୁ ଧରିବା ପୁଲିସ ପାଇଁ କଷ୍ଟକର ହେଉଛି। ଜାଲ୍ ଟ୍ରେଡିଂ ଆପ୍ ଜାଲରେ ବ୍ୟାଙ୍କ କର୍ମଚାରୀ, ପୁଲିସ ଅଧିକାରୀ ଫସିବା ନଜିର ରହିଛି। ପାଠୁଆଙ୍କୁ ସଚେତନ କରିବା ତଦନ୍ତକାରୀ ସଂସ୍ଥା ପକ୍ଷେ ସମ୍ଭବ ହେଉନି। ଶିକ୍ଷିତ ହୋଇ ଯଦି ସାଇବର ଠକଙ୍କ ଜାଲରେ ପଡ଼ି ସର୍ବସ୍ୱ ହରାଇବେ ତେବେ ସେଥିପାଇଁ ଦାୟୀ ହେବ କିଏ?

କୌଣସି ମେସେଜ ଆସିଲେ ତାହା କେତେ ଠିକ୍ ନା ଭୁଲ ପରଖିବା ଜରୁରୀ। ଜାଲ୍ ଟ୍ରେଡିଂ ଆପକୁ ଗୁଗୁଲରେ ତର୍ଜମା କଲେ ତା'ର ସବିଶେଷ ଜାଣିବାକୁ ସୁବିଧା ରହିଛି। ଉକ୍ତ ଆପ୍ କେଉଁ ଦେଶର, ଏହାର ଡୋମେନ୍ କିଏ? ସବୁକିଛି ଜାଣିହେବ। ଯାଞ୍ଚ ନକରି ହ୍ୱାଟ୍ସଆପ୍ ଓ ଟେଲିଗ୍ରାମରେ ଆସୁଥିବା ଆପକୁ ବ୍ୟବହାର କରି ଲୋକେ ଲକ୍ଷ ଲକ୍ଷ ଟଙ୍କା ହରାଇବା ପରେ ମୁଣ୍ଡରେ ହାତ ଦେଇ ବସୁଛନ୍ତି। ରାତାରାତି କୋଟିପତି ହେବା ନିଶାରେ ସର୍ବସ୍ୱ ହରାଉଛନ୍ତି ଶିକ୍ଷିତ। ଏମିତିକି ସାଇବର ଠକଙ୍କ ଚକ୍ରବ୍ୟୂହରେ ଫସି କୋଟି କୋଟି ଟଙ୍କା ହରାଇବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଅଧିକ ଲାଭ ପାଇବା ମୋହରେ ଜାଲ୍ ଟ୍ରେଡିଂ ଆପ୍‌ରେ ବିନିଯୋଗ କରି ଜୀବନର ସମସ୍ତ ଜମାପୁଞ୍ଜି ହରାଉଛନ୍ତି।

ଟ୍ରେଡିଂ ଆପ୍‌ରେ ବିନିଯୋଗ କଲେ, ବ୍ୟାଙ୍କ୍ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ତୁଳନାରେ ଅଧିକ ଲାଭ ମିଳିବ ବୋଲି ଠକ ଉକ୍ତ ଆପ୍‌ରେ ଦର୍ଶାଉଛନ୍ତି। ଏହି ଠକମାନେ ନୂଆ ନୂଆ ନାମରେ ଆପ୍ ପ୍ରସ୍ତୁତ କରୁଛନ୍ତି। ସେଥିରେ ଜଣେ ବ୍ୟକ୍ତି କେତେ ଘଣ୍ଟା ବ୍ୟବହାର କରିପାରିବେ ତାହା ସ୍ଥିର ହୋଇଛି। ଟଙ୍କା ବିନିଯୋଗ କରିବାର ସେତିକି ଘଣ୍ଟା ପରେ ଉକ୍ତ ଆପ୍ ବନ୍ଦ ହୋଇଯାଉଛି। ଏହିଭଳି ଭାବେ ଜଣେ ପୂର୍ବତନ ବ୍ୟାଙ୍କ ଏଜିଏମ୍ ଠକାମିର ଶିକାର ହୋଇଥିଲେ। ତାଙ୍କ ନିକଟକୁ ସିଏମ୍‌ସି ଟ୍ରେଡିଂ ଆପ୍‌ର ଲିଙ୍କ୍ ଆସିଥିଲା। ଏଥିରେ ସେ ପ୍ରଥମେ ୨.୫ ଲକ୍ଷ ଟଙ୍କା ବିନିଯୋଗ କରି ଆଇପିଓ କିଣିଥିଲେ। ପ୍ରଥମରୁ ଏତେ ପରିମାଣର ଟଙ୍କା ବିନିଯୋଗ କରୁଥିବା ଜାଣି ସାଇବର ଠକ ତାଙ୍କୁ ଜାଲରେ ପକାଇବା ଲାଗି ଭଲ ଲାଭ ଦେଇଥିଲେ। ମାସକରେ ସେ ପାଖାପାଖି ୪ ଗୁଣା ଲାଭ ପାଇଥିଲେ। ଏଥିରେ ତାଙ୍କର ବିଶ୍ୱାସ ହେବା ସହ ଲୋଭ ବି ବଢ଼ିଥିଲା। ପରେ ସେ ପ୍ରାୟ ୨ କୋଟି ଟଙ୍କାର ବିଭିନ୍ନ ଜିନିଷ କିଣିଥିଲେ। ପରେ ସେହି ଆପ୍ ବନ୍ଦ ହୋଇଯାଇଥିଲା। ଠକାମିର ଶିକାର ହେବା ଜାଣିବା ପରେ ସେ ସାଇବର ଥାନାରେ ପହଞ୍ଚି ଥିଲେ। ରାଜ୍ୟରେ ଏହି ଧରଣର ଠକେଇ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଭିନ୍ନ ଉପାୟରେ ସାଇବର ଠକ ଲୁଟୁଛନ୍ତି। ଟ୍ରେଡିଂ ଆପ୍ ଠକେଇ ପରିମାଣ ୭୦% ଓ ଡିଜିଟାଲ୍ ଆରେଷ୍ଟ ଠକେଇ ୩୦% ରହିଛି। କମ୍ ସମୟରେ ଅଧିକ ଲାଭ ପାଇବା ମୋହରେ ପଡ଼ି ଲୋକେ ଜାଲ ଟ୍ରେଡିଂ ଆପ୍‌ରେ ଫସୁଛନ୍ତି। ସେହିଭଳି ସିବିଆଇ, ଇଡି, କ୍ରାଇମବ୍ରାଞ୍ଚ ଓ କଷ୍ଟମ୍ସ ଅଧିକାରୀ ସାଜି ସାଇବର ଠକ ଡିଜିଟାଲ୍ ଆରେଷ୍ଟ କରୁଛନ୍ତି ଏବଂ ଲକ୍ଷଲକ୍ଷ ଟଙ୍କା ଲୁଟୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଲୋକଙ୍କ ଭିତରେ ସଚେତନତା ଯେତିକି ବଢ଼ୁଛି, ସାଇବର ଠକଙ୍କ ମାୟାଜାଲ କରାମତି ବି ସେତିକି ବ୍ୟାପକ ହେଉଛି। ଏଭଳି ମାମଲାରେ ପୁଲିସର ସଫଳତା ବେଶ୍ ନଗଣ୍ୟ।

ଭୁବନେଶ୍ୱର ସାଇବର ଥାନା ଏସିପି ଅଞ୍ଜନା ଟୁଡୁ କହିଛନ୍ତି, ଅନ୍‌ଲାଇନ୍ ଟ୍ରେଡ଼ିଂ ଆପ୍‌ରେ ଶିକ୍ଷିତ ଓ ଧନି ଲୋକ ଫସୁଛନ୍ତି। ଯେଉଁ ଟ୍ରେଡ଼ିଂ ଆପ୍‌ରେ ଟଙ୍କା ବିନିଯୋଗ କରୁଛନ୍ତି, ତା'ର ମାଲିକ କିଏ, କେତେ ବିନିଯୋଗକାରୀ ଲାଭ ହାତେଇଛନ୍ତି, ଏସବୁ ପରଖିବା ଜରୁରୀ। ଲୋଭରେ ପଡ଼ି ଲୋକେ କୌଣସି ତର୍ଜମା ନକରି ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରୁଛନ୍ତି। ଠକମାନେ ବିଶ୍ୱାସ ଜନ୍ମାଇବା ଲାଗି ପ୍ରଥମେ କିଛି ଲାଭ ଦେଉଛନ୍ତି। ଅଧିକ ଟଙ୍କା ବିନିଯୋଗ କରିବା ପରେ ସେହି ଆପ୍ ଉଭାନ ହୋଇଯାଉଛି। ତେଣୁ ଏନେଇ ନିଜେ ସଚେତନ ହେବା ଜରୁରୀ। ତର୍ଜମା ନକରି କୌଣସି ସ୍ଥାନରେ ଅର୍ଥ ନିବେଶ କରିବା ସଠିକ୍ ରାସ୍ତା ନୁହେଁ। ସାଇବର ଠକ ଭଳି ଅପରାଧକୁ ରୋକିବାକୁ ହେଲେ ସାଧାରଣ ଲୋକେ ଅଧିକ ସଚେତନ ହେବା ସହ ସତର୍କ ରହିବା ଜରୁରୀ ବୋଲି ସେ କହିଛନ୍ତି।

ସାଇବର ଠକଙ୍କ ନଜରରେ ଆଇପିଏସ୍

କାରାଗାର ଏଡିଜିଙ୍କ ନାଁରେ ଆକାଉଣ୍ଟ ଖୋଲି ମାଗୁଛନ୍ତି ଟଙ୍କା

ଭୁବନେଶ୍ୱର,୩।୯(ଆ.ପ୍ର): ମାତିଛନ୍ତି ସାଇବର ଠକ। ଦିନକୁ ଦିନ ସେମାନେ କାୟା ବିସ୍ତାର କରୁଛନ୍ତି। ସାଇବର ଅପରାଧ ରୋକିବାରେ ପୁଲିସ ବିଫଳ ହେବା ଜଳଜଳ ହୋଇ ଦିଶୁଛି। ସେମାନେ ଏବେ ଆଇପିଏସ୍‌ଙ୍କୁ ନଜର କରିଛନ୍ତି। ବରିଷ୍ଠ ଆଇପିଏସ୍ ତଥା କାରାଗାର ଏଡିଜି ଅମିତାଭ ଠାକୁରଙ୍କ ଫଟୋ ଲଗାଇ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ଟଙ୍କା ମାଗୁଛନ୍ତି ଠକ। ଶ୍ରୀ ଠାକୁରଙ୍କ ନାଁରେ ଇନ୍‌ଷ୍ଟାଗ୍ରାମରେ ଠକମାନେ ନକଲି ଆକାଉଣ୍ଟ ଖୋଲିଛନ୍ତି। ଲୋକଙ୍କ ନିକଟକୁ ମେସେଜ ପଠାଇ ଟଙ୍କା ମାଗୁଛନ୍ତି। ଏନେଇ ଶ୍ରୀ ଠାକୁର ସାଇବର ସେଲ୍ ୟୁନିଟ୍‌ରେ ଅଭିଯୋଗ କରିଛନ୍ତି। ଏଥିସହ ସେ ଭୁବନେଶ୍ୱର ଡିସିପି ଓ କ୍ରାଇମବ୍ରାଞ୍ଚକୁ ସୂଚନା ଦେଇଛନ୍ତି। ଏଭଳି କିଛି ମେସେଜ ପାଇଲେ ଆର୍ଥିକ କାରବାର ନ କରିବାକୁ ସେ ଲୋକଙ୍କୁ ଅବଗତ କରାଇଛନ୍ତି।

CGU ODISHA **WALK-IN-INTERVIEW**

C. V. Raman Global University, Odisha invites eligible and interested candidates for **interview** against the following positions.

LAB ASSISTANT / PROGRAMMER

Pharmacy, Chemical Engg, Civil Engg, Computer Sc Engg, Electrical Engg, Electronics and Communication Engg, Mechanical Engg, Agricultural & Allied Sciences (Botany, Zoology, Biotechnology)

TECHNICAL ASSISTANT

For different Centres of Excellence (CoE) at CGU Automation CoE (Bosch, Siemens, Festo, Mitsubishi), Robotics, PCB & Circuit Design, VLSI, Mechatronika, Tata Technology, TRTC, Edibon, Plumbing, Schneider Electric, Sew EuroDrives, GalSen, CISCO

For qualification, experience and other details, visit :
https://recruitment.cgu-odisha.ac.in

Eligible candidates are advised to **WALK - IN** for an **interview** on Dt. **08/09/2024** at **10:00AM** along with certificates (original and photocopy) and 4nos of color passport size photographs.

C. V. Raman Global University
ODISHA BHUBANESWAR INDIA

REGISTRAR
Bidyanagar, Mahura, Janla,
Bhubaneswar-752054, Odisha

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

ସାକ୍ଷ୍ୟଦେଲେ ଏଡିଜି ଅରୁଣ ବୋଥ୍ରା

ପାଟଣାଗଡ଼,୩।୯(ନି.ପ୍ର): ବଲାଙ୍ଗିର ଜିଲା ପାଟଣାଗଡ଼ର ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିଚାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ଚାଲିଛି। ଏହି ଘଟଣାର ୬୦ ନମ୍ବର ସାକ୍ଷୀ ଭାବେ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ଆଜି ଅଦାଲତରେ ସାକ୍ଷ୍ୟ ଦେଇଛନ୍ତି।

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ତଦନ୍ତ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ହୋଇଥିଲା। ଶ୍ରୀ ବୋଥ୍ରା ଆଜି ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନା କରିଥିଲେ। ଆଜି କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ବିଷୟରେ ସେ ସାକ୍ଷ୍ୟ ଦେଉଥିବା ବେଳେ ଅନ୍ୟ କେତେକ ଦିଗ ଉପସ୍ଥାପନା ନିମନ୍ତେ ଆଉ ଏକ ଦିନ ଧାର୍ଯ୍ୟ ହୋଇପାରେ ବୋଲି କ୍ରାଇମବ୍ରାଞ୍ଚର ଆଇନଜୀବୀ ଚିତ୍ତରଞ୍ଜନ କାନୁନଗୋ କହିଛନ୍ତି। ସାକ୍ଷ୍ୟ ପରେ ଶ୍ରୀ ବୋଥ୍ରା ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଅଦାଲତରେ ସେ ଦାଖଲ କରିଥିବା କଥୋପକଥନ ସମ୍ବଳିତ କେତେକ ସିଡି କୋର୍ଟରେ ଦେଖାଇବା ପାଇଁ ସରକାରୀ ଓକିଲ ଚାହିଁଥିଲେ ମଧ୍ୟ ପ୍ରତିପକ୍ଷ ଓକିଲ ଏହାର ପ୍ରତିବାଦ କରିଥିଲେ। ଏଥିପାଇଁ ଅଦାଲତଙ୍କୁ ସମୟ ମଗାଯାଇଥିଲା, ଆସନ୍ତା ୧୧କୁ ଦିନ ଧାର୍ଯ୍ୟ ହୋଇଛି। ଆଜିର ସାକ୍ଷ୍ୟ ଗ୍ରହଣ ସମୟରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଆଭାସି ମାଧ୍ୟମରେ ଉପସ୍ଥିତ ଥିଲେ।

Supported by :
ODISHA NEW OPPORTUNITIES
MSME
IRRI International Rice Research Institute
CGIAR
AORMA ALL ODISHA RICE MILLERS' ASSOCIATION
ALL ODISHA RICE MILLERS' ConClave 2024
All Odisha Rice Millers ' Association
ଓଡ଼ିଶାର ସମସ୍ତ ରାଇସ୍ ମିଲ୍‌ର ଭାଇ ଓ ଭଉଣୀ ମାନଙ୍କୁ ବିପୁଳ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ ।
Mahesh Kumar Bansal
President, All Odisha Rice Millers Association
Laxminarayan Deepak Ranjan Das
General Secretary, All Odisha Rice Millers Association
3rd & 4th September 2024 | 11 AM - 6 PM
Hotel Lemon Tree Premier | Bhubaneswar

Paradeep Phosphates Limited

CIN: L24129OR1981PLC001020
Registered Office: 5th Floor, Orissa State Handloom Weavers' Co-Operative Building, Pandit J N Marg, Bhubaneswar – 751 001 Tel: 0674 666 6100, E-mail: cs.ppl@adventz.com,
Website: www.paradeepphosphates.com

NOTICE OF THE 42nd ANNUAL GENERAL MEETING

NOTICE is hereby given that the 42nd Annual General Meeting (AGM) of the Members of the Company will be held on **Wednesday, September 25, 2024 at 4.00 P.M,** through Video Conferencing ("VC") / Other Audio Visual Means ("OAVM") in compliance with the applicable provisions of the Companies Act, 2013 and SEBI (Listing Obligation and Disclosure Requirements) (LODR) Regulations, 2015 read with General Circulars dated 25.09.2023 read with circulars issued earlier on the subject by Ministry of Corporate Affairs (MCA Circulars) and SEBI Circular No. SEBI/HO/CFD-PoD-2/P/CIR/2023/167 dated October 07, 2023 read with Master Circular no. SEBI/HO/CFD/PoD2/CIR/P/2023/120 dated July 11, 2023 issued by the Securities and Exchange Board of India (hereinafter collectively referred to as "SEBI Circulars"), to transact the businesses as set out in the notice convening the Annual General Meeting.

In pursuance of the MCA Circulars & SEBI Circulars, notice of the AGM and Annual report of the Company for the Financial Year 2023-24 have been sent electronically through email on Tuesday, 3rd September, 2024 to those members whose email addresses are registered with the Company/Depository Participant(s)/Registrar and Share Transfer Agent ("RTA"). These documents are also available on the Company's website at www.paradeepphosphates.com and on the websites of the Stock Exchanges i.e. National Stock Exchange of India Ltd and BSE Limited at www.nseindia.com and www.bseindia.com respectively. Additionally, a copy of the same is also available on the website of Central Depository Services (India) Limited ("CDSL") at www.evotingindia.com.

The Company is providing remote e-voting facility ("remote e-voting") to all its Members to cast their votes on all resolutions in respect of the businesses to be transacted at the 42nd AGM. The Company has engaged Central Depositories Services (India) Limited (CDSL) for providing remote e-voting facility and the facility of e-Voting to the members participating in the AGM through VC/OAVM. The process and manner of remote e-Voting, attending AGM through VC/OAVM and e-Voting at AGM have been provided in the notice of AGM.

The Members are hereby informed that:

a) Date of completion of dispatch of notice by email: **Tuesday, 3rd September, 2024.**
b) All the businesses as set out in the Notice of the 42nd AGM may be transacted through voting by electronic means.
c) The remote e-voting shall commence on **September 21, 2024 at 10.00 AM.**
d) The remote e-voting shall end on **September 24, 2024 at 5.00 PM.**
e) The cut-off date for the purpose of remote e-voting is **September 18, 2024.**
f) Any person, who acquires shares and becomes Member of the Company after dispatch of the Notice and holds shares on as on the cut-off date, may obtain copy of the notice and Annual Report by sending a request to the Company in writing or by sending email to cs.ppl@adventz.com or the same can be downloaded from the Company's website www.paradeepphosphates.com.
g) Members are further informed that:
  (i) Remote e-voting shall not be allowed beyond 5.00 PM on September 24, 2024.
  (ii) Only those shareholders, who are present in the AGM through VC/OAVM facility and have not casted their vote on the Resolutions through remote e-voting and are otherwise not barred from doing so, shall be eligible to vote through e-voting system available during the AGM.
  (iii) A Member may participate in the Annual General Meeting even after exercising the right to vote through remote e-voting but shall not be allowed to vote again during the meeting.
  (iv) A person whose name is recorded in the Register of Members or in the Register of Beneficial Owners maintained by the depositories as on the cut-off date i.e. September 18, 2024, only shall be entitled to avail the facility of remote e-voting as well as e-voting during the AGM.
h) In case you have any queries or issues regarding e-voting, you may refer to Frequently Asked Questions ("FAQs") and e-voting manual available at www.evotingindia.com under "Help" section or e-mail to helpdesk.evoting@cdslindia.com the e-voting Helpdesk, addressing Mr. Rakesh Dalvi, Sr. Manager, Central Depository Services (India) Limited, A Wing, 25th Floor, Marathon Futurex, Mafatlal Mill Compounds, N M Joshi Marg, Lower Parel (East), Mumbai – 400013 or call on 1800 21 09911. Individual Shareholders holding securities in Demat mode with NSDL facing any technical issue in login can contact NSDL helpdesk by sending a request at evoting@nsdl.co.in or call at toll free no.: 1800 1020 990 and 1800 22 44 30.

Dividend & Record date: The Board of Directors in their meeting held on May 15, 2024 has recommended a final dividend of Re 0.50 per equity share of Rs. 10 each for the year ended March 31, 2024. The **record date** for the purpose of payment of Final dividend if approved at the 42nd AGM, is fixed as **September 18, 2024.** For TDS related instructions on the dividend payment member refer to the AGM notice.

For Paradeep Phosphates Limited
Sachin Patil
Company Secretary

Place : Bengaluru
Date : September 03, 2024